# DIRECTORATE OF EXTENSION EDUCATION
# ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
**ODISHA UNIVERSITY OF AGRICULTURE AND TECHNOLOGY**
**Bhubaneswar, Pin - 751003**


## ସମ୍ଭାବ୍ୟ ବର୍ଷା ପ୍ରଭାବିତ ଅଂଚଳରେ ଆପଦକାଳୀନ ଫସଲ ଯୋଜନା

ଓଡ଼ିଶାର କେତେକ ଅଂଚଳରେ ଆସନ୍ତା ୧୫, ଡିସେମ୍ବର ବେଳକୁ ଝଡ଼ ଓ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି । ଏପରି ପରିସ୍ଥିତି ପାଇଁ ସଜାଗ ରହି ନିମ୍ନ ଆପଦକାଳୀନ ଫସଲ ଯୋଜନା ଗ୍ରହଣ କରିବା ପାଇଁ ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଉଛି ।

୧. କଟା ଯାଇନଥିବା ଧାନକୁ ତୁରନ୍ତ କାଟି ନେଇ ସୁରକ୍ଷିତ ସ୍ଥାନରେ ରଖି ଦିଅନ୍ତୁ ।
୨. କଟାଯାଇ ଜମିରେ ଶୁଖାଯାଇଥିବା ଧାନ କଳେଇ / ବିଡ଼ାକୁ ସୁରକ୍ଷିତ ସ୍ଥାନକୁ ନେଇ ଯାଆନ୍ତୁ ।
୩. ଶୁଖି ଯାଇଥିବା ଧାନକୁ ତୁରନ୍ତ ବେଙ୍ଗଲା କରି ଅମଳ କରିଦିଅନ୍ତୁ ।
୪. ଖଳାରେ ରହିଥିବା କଳେଇ / ବିଡ଼ାକୁ ଟାର୍ପୋଲିନ୍ ବା ପାଲ ଘୋଡ଼ାଇ ସୁରକ୍ଷିତ ରଖନ୍ତୁ ।
୫. ମଣ୍ଡିରେ ପଡ଼ି ରହିଥିବା ଧାନକୁ ଘୋଡ଼ାଇ ସୁରକ୍ଷିତ ରଖନ୍ତୁ ।

**ଧାନ :**

୧. ତଳି ପଡ଼ି ଯାଇଥିବା ଧାନ ଜମିରୁ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ ।
୨. ବର୍ଷା ପୂର୍ବରୁ ତଳି ପକାନ୍ତୁ ନାହିଁ ।

**ଡାଲିଜାତୀୟ ଫସଲ :**

୧. ବୁଣା ଯାଇଥିବା ମୁଗ / ବିରି / ବୁଟ / ମଟର / କୋଳଥ ଆଦି ଡାଲି ଜାତୀୟ ଫସଲରୁ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ ।
୨. ହରଡ଼ ଫସଲରେ ଫଳବିନ୍ଧା ପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ ସ୍ପିନୋସାଡ୍ ୪୫% ଏସ୍.ସି. ହେକ୍ଟର ପ୍ରତି ୧୨୫ ମି.ଲି. କିମ୍ବା ଏମାମେକ୍ଟିନ୍ ବେଞ୍ଜୋଏଡ୍ ୫% ଏସ୍.ଜି. ୨୦୦ ଗ୍ରାମ୍ ୫୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ତୈଳବୀଜ ଜାତୀୟ ଫସଲ**

**ସୋରିଷ :** ବର୍ଷା ଛାଡ଼ିଗଲା ପରେ ସୋରିଷ ଫସଲରେ ଜଉପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ ହେକ୍ଟର ପ୍ରତି ୧୪୦ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କିମ୍ବା ୧ ଲିଟର ଡାଇମିଥୋଏଟ୍ ୩୦% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

## ପନିପରିବା

୧. ପନିପରିବା ଜମିରୁ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ ।

୨. ରଞ୍ଜାରେ ମାଡ଼ିଥିବା ଲଟା ଜାତୀୟ ପନିପରିବାକୁ ସୁରକ୍ଷିତ ରଖିବା ପାଇଁ ଭଲ ଭାବରେ ବାନ୍ଧି ଦିଅନ୍ତୁ । ରଞ୍ଜାଗୁଡ଼ିକର ମୂଳକୁ ମାଟି ଦେଇ ଶକ୍ତ କରନ୍ତୁ ।

୩. ଅମଳ ଉପଯୋଗୀ ବିଲାତିବାଇଗଣ, ଫୁଲକୋବି, ବନ୍ଧାକୋବିକୁ ତୋଳି ନିଅନ୍ତୁ ।

୪. ବର୍ଷା ଛାଡ଼ିଗଲା ପରେ ପନିପରିବାରେ ଜଉପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ ହେକ୍ଟର ପ୍ରତି ୧୪୦ ମି.ଲି. ଇମିଡ଼ାକ୍ଲୋପ୍ରିଡ଼୍ ୧୭.୮% ଏସ୍.ଏଲ୍. କିମ୍ବା ୧୦୦ ଗ୍ରାମ୍ ଥାୟୋମେଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. କିମ୍ବା ୧୨୫ ଗ୍ରାମ୍ ଏସିଟାମିପ୍ରିଡ଼୍ ୨୦% ଏସ୍.ପି. ୫୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

୫. ଫୁଲକୋବି, ବନ୍ଧାକୋବି, ବିଲାତିବାଇଗଣରେ ପତ୍ରଖିଆ ଓ ଫଳବିନ୍ଧା ପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ ଫିପ୍ରୋନିଲ୍ ୫% ଏସ୍.ଏଲ୍. ହେକ୍ଟର ପ୍ରତି ୧୦୦୦ ମି.ଲି. କିମ୍ବା ଏମାମେକ୍ଟିନ୍ ବେଞ୍ଜୋଏଡ଼୍ ୫% ଏସ୍.ଜି. ୨୦୦ ଗ୍ରାମ୍ କିମ୍ବା ଇଣ୍ଡକ୍ସାକାର୍ବ ୧୪.୫% ଏସ୍.ସି. ୨୦୦ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

୬. ବର୍ଷା ପରେ ପନିପରିବା ଫସଲରେ ଝାଉଁଳା ରୋଗ ଲାଗିବାର ସମ୍ଭାବନା ଥିବାରୁ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ + ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ଼୍ ମିଶାଇ ମୂଳ ଭାଗକୁ ସିଂଚନ କରନ୍ତୁ ।

୭. ଆଳୁ ଫସଲରେ ସହଳ ପତ୍ରପୋଡ଼ା ରୋଗ ଲାଗିଲେ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାନ୍‌କୋଜେବ୍ ୭୫% ଡବ୍ଲ୍ୟୁ.ପି. କିମ୍ବା ୧.୫ ଗ୍ରାମ୍ କ୍ଲୋରୋଥାଲୋନିଲ୍ ୭୫% ଡବ୍ଲ୍ୟୁ.ପି. କିମ୍ବା ୩ ଗ୍ରାମ୍ ପ୍ରୋପିନେବ୍ ୭୦% ଡବ୍ଲ୍ୟୁ.ପି. ମିଶାଇ ସିଂଚନ କରନ୍ତୁ ।

**ଅଧିକ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର, କୃଷି ସଂପ୍ରସାରଣ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।**

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର, ଓଡ଼ିଶା**